# କୃଷି ମୌସମ ସେବା
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର,କେନ୍ଦୁଝର

---

**ସପ୍ତାହ -12 ତାରିଖ-19.03.2024**

| | Date | Rainfall (mm) | T-MAX (C) | T-MIN (C) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| MAYURBHANJ | 20-03-2024 | 30 | 28 | 20 | 8 | 86 | 38 | 10 | 135 |
| | 21-03-2024 | 5 | 29 | 20 | 8 | 88 | 56 | 7 | 71 |
| | 22-03-2024 | 0 | 32 | 21 | 2 | 70 | 45 | 7 | 189 |
| | 23-03-2024 | 0 | 34 | 22 | 1 | 70 | 26 | 12 | 206 |
| | 24-03-2024 | 0 | 35 | 23 | 0 | 62 | 16 | 11 | 216 |

**ପାଣିପାଗ ସାରାଂଶ/ ସତର୍କ:**

IMD ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ପାଞ୍ଚ ଦିନ ମଧ୍ୟରେ **ମୟୂରଭଞ୍ଜରେ ମଧ୍ୟମ ଧରଣ ରୁ ହାଲୁକା ବର୍ଷା (20 ଏବଂ 21 ତାରିଖ)ହେବାର ସମ୍ଭାବନା ଅଛି।** ଏହି ସମୟରେ ପାଗ ମେଘୁଆ ରହିବାର ଆକଳନ କରା ଯାଇଅଛି। ପବନ ର ବେଗ 7-12 କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 28-35 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 20-23 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

**ସତର୍କ: ବିଜୁଳି ଏବଂ ଘଡଘଡି ହେଉଥିବା ସମୟରେ ବାହାରକୁ ଯାଅନ୍ତୁ ନାହିଂ।**

**ସାଧାରଣ ପରାମର୍ଶ:**

- ପରିପକ୍ୱ ହୋଇଯାଇଥିବା ପନିପରିବା ଅମଳ କରିନିଅନ୍ତୁ।
- ପନିପରିବା ଅମଳ କରି ସାରିଲା ପରେ ଶୁଖିଲା ସ୍ଥାନ ରେ ରଖନ୍ତୁ। ପୋକ ରୁ ରକ୍ଷା ପାଇଁ Celphos ଟାବ୍ଲେଟ ବ୍ୟବହାର କରନ୍ତୁ।
- ବର୍ଷା ଥିବାରୁ କୀଟନାଶକ ସିଂଚନ ସ୍ଥଗିତ ରଖନ୍ତୁ।

- କ୍ଷେତ ରେ ବର୍ଷା ପାଣି କୁ ସଞ୍ଚୟ କରିବା ପାଇଁ ହିଡ ପ୍ରସ୍ତୁତ କରନ୍ତୁ।

**ସଂକ୍ଷିପ୍ତ ଉପଦେଶ:**

- ବର୍ଷା ଥିବାରୁ ଜଳ ସେଚନ କରନ୍ତୁ ନାହିଁ।

**ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ:**

| **ଶସ୍ୟ** | **ଶସ୍ୟ ର ଅବସ୍ତା/ ସ୍ଥିତି** | **ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ** |
|---|---|---|
| **ବୁଟ** | ଫୁଲ ଏବଂ ଫଳ | • ପରିପକ୍ୱ ବୁଟ କୁ ଅମଳ କରି ବଜାର ରେ ଉଚିତ ଦାମ ରେ ବିକ୍ରି କରନ୍ତୁ।<br>• ବୁଟ ରେ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨.୫ ଲିଟର ନିମ୍ବ ତେଲ କିମ୍ବା ୧ ଲିଟର ପାଣିରେ ୨ ମି. ଲି Triazophos  ପ୍ରୟୋଗ କରନ୍ତୁ । |
| **ପେଶୀ** | ଫଳ ପାଚିବା | • ପେଶୀ କିମ୍ବା ଟିସି କୁ ଅମଳ କରି ନିଅନ୍ତୁ।<br>• ଅମଳ ଟିସି କୁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ।<br>• ପାଉଁସିଆ ରୋଗ ର ନିୟନ୍ତ୍ରଣ ପାଇଁ ସଲଫର ପାଉଡର @ 4 g/lt ବ୍ୟବହାର କରନ୍ତୁ। |
| **ସୋରିଷ** | ଫଳ ପାଚିବା ଏବଂ ଅମଳ | • ପାଉଁସିଆ ରୋଗ ର ନିୟନ୍ତ୍ରଣ ପାଇଁ ସଲଫର ପାଉଡର କିମ୍ବା କାରାଥେନ Karathane @ 2 % ସିଂଚନ କରନ୍ତୁ।<br>• ଅମଳ ଯୋଗ୍ୟ ହୋଇଥିଲେ ସୋରିଷ ଅମଳ କରି ଶୁଖିଲା ସ୍ଥାନ ରେ ରଖନ୍ତୁ। |
| **ପନିପରିବା:** | | |
| **ବନ୍ଧାକୋବି** | ଫୁଲ ବନିବା | • ପରିପକ୍ୱ ହେଇ ଆସିଥିବା ବନ୍ଧାକୋବି କୁ ଅମଳ କରି ସ୍ଥାନୀୟ ବଜାର ରେ ବିକ୍ରି କରି ଦିଅନ୍ତୁ।<br>• କଟ ୱର୍ମ କିମ୍ବା କର୍ତ୍ତକ କୀଟ ର ନିୟନ୍ତ୍ରଣ ପାଇଁ |

| | | |
|---|---|---|
| | | Chloropyriphos @ 2 ml/lt ବ୍ୟବହାର କରନ୍ତୁ। |
| **ପିଆଜ** | ଫଳ | • ପିଆଜ ଅମଳ କରି ଏପରି ସ୍ଥାନ ରେ ରଖନ୍ତୁ ଯେଉଁଠି ବାୟୁ ଚଳାଚଳ ଠିକ ହେଉଥିବ।<br>• କର୍ତ୍ତକ କୀଟ ର ନିୟନ୍ତ୍ରଣ ପାଇଁ Chloropyriphos @ 2 ml/lt ବ୍ୟବହାର କରନ୍ତୁ।<br>• ପିଆଜରେ ପତ୍ର ଦାଗ କୁ ନିୟନ୍ତ୍ରଣ କରିବା ପାଇଁ Mancozeb କିମ୍ଵା Copper oxychloride @ 2 g/lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ବାଇଗଣ** | ଫୁଲ ଏବଂ ଫଳ | • ପାକଳ ହୋଇଯାଇଥିବା ବାଇଗଣକୁ ତୋଳି ସୁରକ୍ଷିତ ସ୍ଥାନରେ ରଖନ୍ତୁ।<br>• ବ୍ୟକ୍ଟେରିଆ ୱିଲ୍ଟ ଦେଖା ଦେଲେ ଗଛ କୁ ଓପଡି ଦୂର ଜାଗା ରେ ପୋଡ଼ି ଦିଅନ୍ତୁ ।<br>• କାଣ୍ଡ ଓ ଫଳ ବିନ୍ଧା ପୋକ କୁ ନିୟନ୍ତ୍ରଣ କରିବା ପାଇଁ Emamectin benzoate@ 4 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଲଙ୍କା** | ଫୁଲ ଏବଂ ଫଳ | • ପତ୍ର ଦାଗ ରୋଗର ନିୟନ୍ତ୍ରଣ ପାଇଁ Mancozeb @ 2.5 g/lt. ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ପତ୍ରମୋଡା ରୋଗର ନିୟନ୍ତ୍ରଣ ପାଇଁ Imidachloprid 17.8% SL@ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଟମାଟ** | ଫୁଲ ଏବଂ ଫଳ | • ଟମାଟ ନାଲି ପଡିଆସୁଥିଲେ ତାକୁ ତୋଳି ଦିଅନ୍ତୁ।<br>• ଗଛ ମୂଳରୁ ଘାସ ବାଛି ଦିଅନ୍ତୁ ଏବଂ ଜମି କୁ ସଫା ରଖନ୍ତୁ।<br>• ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Flubendiamide@ 5 g/10ltପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଫଳ:** | | |
| **ଆମ୍ବ** | ଫୁଲ/ବଉଳ | • ଆମ୍ବ ରେ ଦହିୟା ପୋକ ର ନିୟନ୍ତ୍ରଣ ପାଇଁ Thiomethoxam @ 0.5 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଆମ୍ବ ରେ ଫୁଲ ଝଡିବା କୁ ରୋକିବା ପାଇଁ **Planofix @** 0.4 ml ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |

| | | |
|---|---|---|
| **କଦଳୀ** | | • ଗଛ ମୂଳରୁ ୩୦ ସେ. ମି ଦୂରରେ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ ।<br>• କଦଳୀରେ ଜଉ ପୋକର ର ଦମନ ପାଇଁ **Imidachloprid @** 2 ml/lt ବ୍ୟବହାର କରନ୍ତୁ। |
| **ଫୁଲ:** | | |
| **ଗେଣ୍ଡୁ** | ଫୁଲ | • ଫୁଲ ଗୁଡିକୁ ସତେଜ ରଖିବା ପାଇଁ ନିୟମିତ ଜଳ ସେଚନ କରନ୍ତୁ<br>• ଫୁଲ ଅମଳ କରି ସ୍ଥାନୀୟ ମାର୍କେଟ ରେ ବିକ୍ରି କରି ଦିଅନ୍ତୁ। |
| **ଗୋଲାପ** | ଫୁଲ | • ଦହିୟା ପୋକ (Mealybug) ର ନିୟନ୍ତ୍ରଣ ପାଇଁ ସାବୁନ ଫେଣ କିମ୍ବା ନିମ୍ବ ର ସିଂଚନ କରନ୍ତୁ। |
| **ପଶୁପାଳନ:** | | |
| **ଛେଳି ପାଳନ** | | • ନିୟମିତ ପିଇବା ପାଇଁ ସଫା ପାଣି ଯୋଗାଇ ଦିଅନ୍ତୁ।<br>• Foot and Mouth disease ଫାଟୁଆ ରୋଗ ର ନିୟନ୍ତ୍ରଣ ପାଇଁ ଛେଳି ଛୁଆଙ୍କୁ ୪-୬ ମାସ ଭିତରେ ଟୀକାକରଣ କରନ୍ତୁ । |
| **ଗାଈ ପାଳନ** | | • ଗୁହାଳ ଘର କୁ ସଫା ରଖନ୍ତୁ।<br>• ପିବା ପାଇଁ ସଫା ପାଣି ନିୟମିତ ସମୟରେ ଯୋଗାଇ ଦିଅନ୍ତୁ। |

**ଯୋଗାଯୋଗ:**

**ନାମ: ଶୁଭକାନ୍ତ ସାମନ୍ତରାୟ**

**Email:** subhakantaofficial95@gmail.com

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଳିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**